# ଅଗ୍ନିରୂପରେ ପୂଜା ପାଇଲେ ମା' ହିଙ୍ଗୁଳା


ମା' ହିଙ୍ଗୁଳାଙ୍କ ଆଲମକୁ ଶୋଭାଯାତ୍ରାରେ ନିଆଯାଉଛି।


ମା' ହିଙ୍ଗୁଳାଙ୍କ ଉଭାସ୍ଥଳ।

## ନବଦିନ ବ୍ୟାପୀ ଯାତ୍ରା ଆରମ୍ଭ

ତାଳଚେର,୨୬।୪(ନି.ପ୍ର.)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ନବଦିନ ବ୍ୟାପୀ ବାର୍ଷିକ ଯାତ୍ରା ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ନିରାଡମ୍ବର ଭାବେ ସୋମବାରଠାରୁ ଆରମ୍ଭ ହୋଇଛି। ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତବର୍ଷ ପରି ଚଳିତ ବର୍ଷ କୌଣସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ସୁଯୋଗ ଦିଆଯାଇ ନାହିଁ।

ଅଗ୍ନିରୂପୀ ମା' ହିଙ୍ଗୁଳା ଚଳିତବର୍ଷ ମନ୍ଦିରର ପଶ୍ଚିମ ଦିଗରେ ଗଜରାଜ ସିଂହ ଷ୍ଟାଡିୟମ ନିକଟରେ ଆବିର୍ଭାବ ହୋଇଛନ୍ତି। ପୂଜାପାଇଁ ସେଠାରେ ଅସ୍ଥାୟୀ ବ୍ୟାରିକେଡ୍ ଓ ପାଚେରି ନିର୍ମାଣ କରାଯାଇଛି। ସକାଳେ ମା' ହିଙ୍ଗୁଳାଙ୍କ ମଙ୍ଗଳ ଆଳତୀ, ବାଳ ଭୋଗ ଆଦି ନୀତି ସଂପନ୍ନ କରାଯାଇ ଅପରାହ୍ନ ୪ଟା ବେଳେ ହିଙ୍ଗୁଳା ଓ କରଡେଇଙ୍କ ଆଲମକୁ ଦିଅଁ ଘରୁ ମୁଖ୍ୟ ପୂଜକ ଭାର ମାଧ୍ୟମରେ ଆଣିଥିଲେ। ଅଳ୍ପ କେତେଜଣ ସେବାୟତଙ୍କ ଉପସ୍ଥିତିରେ ଆଲମକୁ ବଡ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଦୁଇ ଆଲମକୁ ନାନା ଆଭୂଷଣ ଓ ବସ୍ତ୍ରରେ ସଜ୍ଜିତ ସହ ପୂଜା କରାଯାଇଥିଲା। ଏହାପରେ ପାଇକମାନେ ପତିଆରଙ୍କ ଘରକୁ ଯାଇ ନିମନ୍ତ୍ରଣ କରିଥିଲେ। ପତିଆର ଆସିବା ପରେ ମୁଖ୍ୟ ପୂଜକ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ପତିଆରଙ୍କୁ କୁଟେଇଶୁଣୀ ପୀଢରେ ଷୋଡଶ ଉପଚାର ବିଧି ଅନୁଯାୟୀ ପୂଜା କରାଯାଇଥିଲା। ପତିଆର ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀକୁ ଗମନ କରିଥିଲେ। ସେହିପରି ଦେହୁରୀ କୁଟେଇଶୁଣୀଙ୍କ ଆଲମକୁ ଧରି ରାଜାଙ୍କ ପ୍ରଦତ୍ତ ରାଜଭୋଗକୁ ମା' ଅଗ୍ନିରୂପାଙ୍କୁ ଅର୍ପଣ କରିଥିଲେ। ମା'ଙ୍କ ଦର୍ଶନ ପାଇଁ କୌଣସି ଶ୍ରଦ୍ଧାଳୁ ଯେପରି ଉଭାସ୍ଥଳ ଓ ମନ୍ଦିର ନିକଟରେ ପହଞ୍ଚି ନ ଯାଆନ୍ତି ସେଥିପାଇଁ ବିଭିନ୍ନ ଛକ, ରାସ୍ତାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏହି ଉତ୍ସବରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନମୋହନ ଗଡନାୟକ, ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ସଞ୍ଜୟ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ଅରୁଣ କୁମାର ପ୍ରଧାନ, ଗଗନ ବିହାରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶୋଭାଯାତ୍ରାରେ ଆସିଲା ଆଲମ


ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ନିଆଯାଉଛି।

ବଅଁରପାଳ,୨୬।୪(ଡି.ଏନ.ଏ.)

ବଅଁରପାଳ ବ୍ଳକ ବଳରାମପ୍ରସାଦ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ଅପରାହ୍ନରେ ଦେବୀଙ୍କ ଆଲମକୁ ବାଦ୍ୟ ବାଜଣା ସହକାରେ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳୀକୁ ଅଣାଯାଇଥିଲା। ଏହାପରେ ଠାକୁରାଣୀଙ୍କ ଯାଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ପାହାଡ଼ ତଳେ ଅଗ୍ନି ସ୍ୱରୂପୁଣୀ ଉଭା ହୋଇଛନ୍ତି। ସନ୍ଧ୍ୟାରେ ଉଭାସ୍ଥଳରେ ଶ୍ରାଦ୍ଧାଳୁମାନେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ସଭାପତି ତୀର୍ଥ ବେହେରା, କୃତାର୍ଥ ସିଂ, ଅଖିଳ ପଣ୍ଡା, ଜିଲୁ ସିଂ, ମନୋଜ ଅମାନ୍ତଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। କୋଭିଡ ନିୟମ ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା।

# ଝାମୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଭୁବନ,୨୬।୪(ଡି.ଏନ.ଏ.)

ଭୁବନସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ସୋମବାରଠାରୁ ଆରମ୍ଭ ହୋଇଛି ୬୩ ତମ ବାର୍ଷିକ ହିଙ୍ଗୁଳା ଝାମୁଯାତ୍ରା ମହୋତ୍ସବ। ଏହି ଅବସରରେ ଗ୍ରାମର ମହିଳାମାନେ ଶୋଭାଯାତ୍ରାରେ ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। କୋଭିଡ କଟକଣାକୁ ମାନି ହୋମଯଜ୍ଞ କରାଯିବାର ବ୍ୟବସ୍ଥା ହୋଇଛି। ଏହି ବାର୍ଷିକ ଉତ୍ସବ ଅବସରରେ ଏକ ଗୋଶାଳା ଆରମ୍ଭ କରାଯିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଛି। ଝାମୁଯାତ୍ରାକୁ ନିରାଡମ୍ବର ଭାବେ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରଦ୍ଧାଳୁମାନେ ଯେପରି କୋଭିଡ୍ କଟକଣା ମଧ୍ୟରେ ଦର୍ଶନ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ୨୦ ଆକ୍ରାନ୍ତ, ୧୫ ସୁସ୍ଥ

**ଢେଙ୍କାନାଳ ଅଫିସ,୨୬।୪:** ଢେଙ୍କାନାଳ ଜିଲାରେ ସୋମବାର କରୋନାରେ ୨୦ ଜଣ ଆକ୍ରାନ୍ତ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ଜିଲାର ସଦର ବ୍ଲକରୁ ୪, କାମାକ୍ଷାନଗର ବ୍ଲକରୁ ୧ ଓ ଏନ୍‌ଏସିରୁ ୨, ଗଁଦିଆ ବ୍ଲକରୁ ୨, ଓଡାପଡା ବ୍ଲକରୁ ୨, ଢେଙ୍କାନାଳ ପୌରାଞ୍ଚଳରୁ ୧, କଙ୍କଡାହାଡ ବ୍ଲକରୁ ୧, ହିନ୍ଦୋଳ ବ୍ଲକରୁ ୧, ପରଜଙ୍ଗ ବ୍ଲକରୁ ୧, ଭୁବନ ବ୍ଲକରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ୪ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦୧୨ ହୋଇଥିବାବେଳେ ୫୭୮୩ ଜଣ ସୁସ୍ଥ ହୋଇସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ଦିନକରେ ଜିଲାରୁ ୧୫ଜଣ ସୁସ୍ଥ ହୋଇଛନ୍ତି।

### ଦିନକରେ ୪୩୬୫ ଟିକାକରଣ

**ଢେଙ୍କାନାଳ ଅଫିସ,୨୬।୪:** ଢେଙ୍କାନାଳ ଜିଲାରେ ସୋମବାର ୪୩୬୫ଜଣ ଟିକା ନେଇଛନ୍ତି। ସେମାନଙ୍କ ମଧ୍ୟରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ୮୫୩ ଜଣ ଥିବାବେଳେ ୪୫ରୁ ୫୯ବର୍ଷ ମଧ୍ୟରେ ୨୦୭୧ଜଣ, ସ୍ୱାସ୍ଥ୍ୟ କର୍ମୀ ଓ ସମ୍ମୁଖ ଯୋଦ୍ଧା ୧୩୮ ଜଣ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ସେହିପରି ୬୦ବର୍ଷରୁ ଉର୍ଦ୍ଧ୍ୱ ୧୧୬୭, ୪୫ରୁ ୫୯ବର୍ଷ ମଧ୍ୟରେ ୧୨୦, ସ୍ୱାସ୍ଥ୍ୟ ଏବଂ ସମ୍ମୁଖ ଯୋଦ୍ଧା ୬ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା
### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଢେଙ୍କାନାଳ ଅଫିସ,୨୬।୪:** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ୨୦୧୫ ଫେବୃୟାରୀ ୨୧ରେ ଘଟିଥିବା ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତ ପୋକ୍ସୋ ବିଚାରପତି ରାଜ କିଶୋର ମହାପାତ୍ର ତାଙ୍କ ରାୟରେ ଅଭିଯୁକ୍ତ ପିଙ୍କୁ ନାଏକ(୨୭)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଅଭିଯୁକ୍ତ ପିଙ୍କୁ ନାଏକ ସମ୍ପୃକ୍ତା ନାବାଳିକାଙ୍କୁ ଅଜାଘରୁ ନେଇ ପଳାଇଥିଲେ। ଏହାପରେ ନାବାଳିକାଙ୍କୁ ସେ ବିଭିନ୍ନ ଜାଗାରେ ରଖିଥିଲେ। ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଭିତ୍ତିକରି ପରଜଙ୍ଗ ଥାନାରେ ନଂ. ୫୪।୧୫ରେ ମାମଲା ରୁଜୁ ହୋଇଥିଲା। ସିଟି ସ୍ପେଶାଲ ପୋକ୍ସୋ ନଂ. ୭।୧୫ର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ପୋକ୍ସୋ ଅଦାଲତ ରାଜ କିଶୋର ମହାପାତ୍ର ଅଭିଯୁକ୍ତ ପିଙ୍କୁ ନାଏକଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ଏଥିସହ ୫୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପୋକ୍ସୋ ଦିଲୀପ କୁମାର ମଲ୍ଲିକ ମାମଲା ପରିଚାଳନା କରିଥିଲେ।

### ଭାଜପା ଯୁବମୋର୍ଚ୍ଚା ପଦାଧିକାରୀଙ୍କ ନାମ ଘୋଷଣା

**ଢେଙ୍କାନାଳ ଅଫିସ,୨୬।୪:** ଢେଙ୍କାନାଳ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅନୁମୋଦନ କ୍ରମେ ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା ଜିଲା ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଜିଲା ଉପସଭାପତି ଭାବେ ସନ୍ତୋଷ ବେହେରା, ରମାକାନ୍ତ ଜେନା, ଦୀପକ କୁମାର ସାହୁ, ସାଧାରଣ ସମ୍ପାଦକ ଭାବେ ରଞ୍ଜିତ ବିଶ୍ୱାଳ ଓ ହରିଶ ଚନ୍ଦ୍ର ବେହେରା, ସମ୍ପାଦକ ରୁଦ୍ରନାରାୟଣ ପଟ୍ଟନାୟକ, ବିଶ୍ୱଭୂଷଣ ଦାସ, ଲୋକେଶ ଦଳବେହେରା, ସୁଜିତ ବାରିକ, ସଞ୍ଜୟ ବାରିକ ଓ କୋଷାଧକ୍ଷ ଭାବେ ସିଦ୍ଧାର୍ଥ ଶଙ୍କର ସାମଲଙ୍କ ନାମ ଘୋଷଣା କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ ଜଣାଇଛନ୍ତି।

### କୁକୁର କାମୁଡ଼ାରେ ହରିଣ ମୃତ

**କମାକ୍ଷାନଗର,୨୬।୪(ଡି.ଏନ.ଏ.):** କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ନୂଆ ମହୁଲି ଠାରେ କୁକୁରପଲଙ୍କ ସଂଘବଦ୍ଧ ଆକ୍ରମଣରେ ଏକ ହରିଣର ମୃତ୍ୟୁ ହୋଇଛି। ସୋମବାର ଏକ ହରିଣ ପାଣି ଅନ୍ୱେଷଣରେ ଗ୍ରାମାଭିମୁଖୀ ହେଉଥିବାବେଳେ କୁକୁରପଲ ହାବୁଡରେ ପଡିଯାଇଥିଲା। ଫଳରେ ହରିଣଟି କ୍ଷତାକ୍ତ ହୋଇଥିଲା। ଖବରପାଇ ବନବିଭାଗ କର୍ମଚାରୀ ହରିଣକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ହରିଣର ମୃତ୍ୟୁ ହୋଇଯାଇଥିଲା। ମୃତ ହରିଣର ଆନୁମାନିକ ବୟସ ୮ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

# ଟେକ୍ନିସିଆନ ନିଯୁକ୍ତି ଦାବି


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଚେତନ ନାଗରିକ ଫୋରମ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ,୨୬।୪

ଢେଙ୍କାନାଳ ଜିଲା କୋଭିଡ୍ ଚିକିତ୍ସାଳୟରେ ୩ଟି ଭେଣ୍ଟିଲେଟର ଶଯ୍ୟା ରହିଛି। କିନ୍ତୁ ଏହାକୁ ଚଳାଇବା ପାଇଁ କୌଣସି ଟେକ୍ନିସିଆନ ନାହାନ୍ତି। ଗତବର୍ଷ ଏହି ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଥିବା ବେଳେ ଏଠାରେ ୬ଟି ଆଇସିୟୁ ଓ ୩ଟି ଭେଣ୍ଟିଲେଟର ଶଯ୍ୟା ରହିଥିଲା। ତୁରନ୍ତ ଭେଣ୍ଟିଲେଟର ଚଳାଇବା ପାଇଁ ତାଲିମପ୍ରାପ୍ତ ଟେକ୍ନିସିଆନ ନିଯୁକ୍ତି କରିବା ପାଇଁ ଢେଙ୍କାନାଳ ସଚେତନ ନାଗରିକ ଫୋରମ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ କରୋନାର ମହାପ୍ରକୋପକୁ ଦୃଷ୍ଟିରେ ରଖି ଜରୁରୀ ସେବା ଭାବେ ଜିଲା କୋଭିଡ୍ ହସ୍ପିଟାଲରେ ଥିବା ଭେଣ୍ଟିଲେଟର ଗୁଡିକୁ ସକ୍ରିୟ କରାଯାଉ। ଏହି ସମସ୍ୟାର ସମାଧାନ କରା ନ ଗଲେ ଫୋରମ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଉପସଭାପତି ପଙ୍କଜ କୁମାର ନାୟକ, ସମ୍ପାଦକ ଭରତ କୁମାର ଦାସ, ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ରଙ୍କ ସମେତ ବନଜା ମାନସିଂହ, ଶିଳ୍ପିଶ୍ରୀ ହରିଚନ୍ଦନ, ଦୀପକ ପ୍ରସାଦ ପଟ୍ଟନାୟକ, ସୁରେନ୍ଦ୍ର କୁମାର ମିଶ୍ର, ଅମରେନ୍ଦ୍ର ସାହୁ ଓ ଦୟାନିଧି ବେହେରା ପ୍ରମୁଖ ଦାବି କରିଛନ୍ତି।

# ବ୍ରିଜ୍ କାମ ବେଳେ ମାଡ଼ିଆସିଲା ପାଣି

ପରଜଙ୍ଗ,୨୬।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜଟିଆ ଗାଁ ଓ ବହ୍ଲର ମଧ୍ୟରେ ଯାଇଥିବା ବ୍ରାହ୍ମଣୀ ନଦୀରେ ସୋମବାର ସନ୍ଧ୍ୟାରେ ହଠାତ୍ ଅଧିକ ପାଣି ଆସିଯିବାରୁ ନଦୀ ଭିତରେ ନୂତନ ବ୍ରିଜ୍ ନିର୍ମାଣରେ କାର୍ଯ୍ୟରତ ଶ୍ରମିକମାନେ ଫସି ଯାଇଥିଲେ। ଏଥିସହ ବିଭିନ୍ନ ଗାଡି, ଯନ୍ତ୍ରାଂଶ ମଧ୍ୟ ନଦୀ ଗର୍ଭରେ ରହିଯାଇଛି। ତେବେ ବ୍ରିଜ୍ ଉପରୁ କ୍ରେନ ମାଧ୍ୟମରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ଘଟଣାରୁ ଜଣାପଡ଼ିଛି, ଏକ ଠିକାସଂସ୍ଥା ବ୍ରାହ୍ମଣୀ ନଦୀରେ ଏକ ବ୍ରିଜ ନିର୍ମାଣ କାର୍ଯ୍ୟ କରୁଛି। ସନ୍ଧ୍ୟା ୭ଟାରେ ହଠାତ୍ ନଦୀରେ ଅଧିକ ପାଣି ଆସି ଯିବାରୁ ପାଣି ଘେରରେ ପ୍ରାୟ ୫୦ ଶ୍ରମିକ ଫସି ଯାଇଥିଲେ। କେତେଜଣ ଶ୍ରମିକ ପହଁରି ପହଁରି ଉପରକୁ ଉଠିଆସିଥିଲେ। ଅନ୍ୟ ଶ୍ରମିକମାନଙ୍କୁ କ୍ରେନ ମାଧ୍ୟମରେ ଉଦ୍ଧାର କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ଏକ ଘଣ୍ଟା ପୂର୍ବରୁ ସୂଚନା ପାଇଥିଲେ ମଧ୍ୟ ଶ୍ରମିକମାନଙ୍କୁ ଜଣାଯାଇ ନ ଥିଲେ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଜ ନାମ ଗୋପନ ରଖି ଶ୍ରମିକମାନେ ଦାବି କରିଛନ୍ତି।

# ପାଣି ପାଇଁ ରାସ୍ତାକୁ ଓହ୍ଲାଇଲେ ମହିଳା


ମହିଳାମାନେ ଗରା, ବାଲ୍ତି ଧରି ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ଜାତୀୟ ରାଜପଥ ଅବରୋଧ

କାମାକ୍ଷାନଗର,୨୬।୪(ଡି.ଏନ.ଏ.)

ପାନୀୟ ଜଳ ଯୋଗାଣ ଦାବିରେ ସୋମବାର କାମାକ୍ଷାନଗର ବ୍ଲକ ବଡସୁଆଁଳୋ ପଞ୍ଚାୟତ ରଙ୍ଗମାଟିଆ ଓ ବନ୍ୟାସାହି ଗ୍ରାମବାସୀ ରଙ୍ଗମାଟିଆ ଛକରେ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

ଗ୍ରାମବାସୀଙ୍କ କହିବା ମୁତାବକ, ଉଭୟ ଗ୍ରାମରେ ପ୍ରାୟ ୧୭୦ ପରିବାର ବସବାସ କରୁଥିବାବେଳେ ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଥିଲା। ମାତ୍ର ଜାତୀୟ ରାଜପଥ ୫୩ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକା କମ୍ପାନୀର ଦାୟିତ୍ୱହୀନତା କାରଣରୁ ରାସ୍ତା କାମ କରିବା ସମୟରେ ପାଇପ ଫାଟି ଜଳଯୋଗାଣ ବିଚ୍ଛିନ୍ନ ହୋଇଯାଇଥିଲା। ଏ ନେଇ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିବା ପରିବର୍ତ୍ତେ କମ୍ପାନୀ ପକ୍ଷରୁ ମିଥ୍ୟା ମାମଲାର ଧମକ ଦିଆଯାଇଥିଲା। ଏହାର ପ୍ରତିବାଦରେ ଉଭୟ ଗ୍ରାମର ମହିଳାମାନେ ଗରା, ବାଲ୍ତି ଧରି ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସମସ୍ୟାର ସମାଧାନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ। ଖବରପାଇ କାମାକ୍ଷାନଗର ଥାନା ଅଧିକାରୀ ଅଭିନବ ଡାଲୁଆ, ଏସ୍‌ଆଇ ସୁକାନ୍ତ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସ୍ଥାନୀୟ ସରପଞ୍ଚ ପଠାଣି ସାମନ୍ତ ବିଶ୍ୱାଳ ପହଞ୍ଚି ଖୁବ୍‌ଶୀଘ୍ର ଗ୍ରାମରେ ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆନ୍ଦୋଳନରୁ ଓହରି ଥିଲେ।

# ରିପୋର୍ଟ ନେବାକୁ ଗହଳି

ଅନୁଗୋଳ ଅଫିସ, ୨୬।୪

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ଟେଷ୍ଟ ପାଇଁ ଲୋକେ ଯେତିକି ଅବ୍ୟବସ୍ଥାର ସମ୍ମୁଖୀନ ହେଉଛନ୍ତି, ରିପୋର୍ଟ ନେବାବେଳେ ମଧ୍ୟ ସେତିକି ହୀନସ୍ତା ଭୋଗୁଛନ୍ତି। ସୋମବାର କୋଭିଡ୍ ରିପୋର୍ଟ ନେବାକୁ ମେଡିକାଲ ପରିସରରେ ଏତେ ଗହଳି ହୋଇଥିଲା ଯେ ସାମାଜିକ ଦୂରତ୍ୱ ରଖାଯିବା କଥା କର୍ତ୍ତୃପକ୍ଷ ଯେପରି ଭୁଲିଯାଇଥିଲେ।

ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ଟେଷ୍ଟ କରୁଥିବା ଲୋକଙ୍କୁ ୩ ଦିନ ପରେ ରିପୋର୍ଟ ଦିଆଯିବ ବୋଲି କୁହାଯାଉଛି। କିନ୍ତୁ ଅନେକ ସମୟରେ ୬ ଦିନ ପରେ ମଧ୍ୟ ରିପୋର୍ଟ


ଜିଲା ମୁଖ୍ୟ ଚିକିତ୍ସାଳୟରେ ରିପୋର୍ଟ ପାଇଁ ଗହଳି।

## ସାମାଜିକ ଦୂରତ୍ୱ ପ୍ରତି ଆଖିବୁଜି ଦେଇଛନ୍ତି କର୍ତ୍ତୃପକ୍ଷ

ପ୍ରଦାନ କରାଯାଉନାହିଁ। ଏହାଛଡ଼ା କେତେବେଳେ କେଉଁଠି ରିପୋର୍ଟ ଦିଆଯିବ ତାହାର ମଧ୍ୟ ଠିକ୍‌ଠିକଣା ରହୁନାହିଁ। ସୋମବାର ଟେଷ୍ଟ ହେଉଥିବା ସ୍ଥାନରେ ରିପୋର୍ଟ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଏହାପରେ ଟିକା ପ୍ରଦାନ ସ୍ଥାନରେ ରିପୋର୍ଟ ଦିଆଯିବ ବୋଲି ସୂଚନା ଦିଆଗଲା। ଫଳରେ ଲୋକମାନେ ଲାଇନ୍ ଲଗାଇବାକୁ ସେଠାକୁ ଦୌଡିଲେ। ପରେ ଏମ୍‌ଆର୍‌ଆଇ ନିକଟରେ ରିପୋର୍ଟ ମିଳିବ ବୋଲି କୁହାଗଲା। ପୁଣି ଲୋକମାନେ ଧାଁ ଦୌଡ଼ କଲେ। କିନ୍ତୁ ୧୮ ତାରିଖ ପର୍ଯ୍ୟନ୍ତ ରିପୋର୍ଟ ଆସିଥିବା କୁହାଯିବାରୁ ବହୁ ଲୋକ ନିରାଶ ହୋଇ ଫେରିଥିଲେ। ଯେଉଁମାନେ ରିପୋର୍ଟ ପାଇଁ ଅପେକ୍ଷା କରିଥିଲେ ସେମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିଲା। ତେଣୁ କୋଭିଡ୍ କଟକଣାର ଏପରି ଉଲ୍ଲଂଘନ କରାଯିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଭୟ କୁମାର ଦାଶ କହିଛନ୍ତି, ରିପୋର୍ଟ ପ୍ରଦାନ ପାଇଁ ୩ ଜଣ ରଖାଯାଇଛି। ତଥାପି ଭିଡ଼ ନିୟନ୍ତ୍ରଣ ହୋଇପାରୁ ନାହିଁ। ସ୍ୱାବ୍ ଆଉ କଟକ ନ ପଠାଇ ଏଠାରେ ପରୀକ୍ଷା କରୁଛୁ। ଆଉ ସମସ୍ୟା ହେବ ନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି।

# ଓଭରବ୍ରିଜ୍ ନିର୍ମାଣ ଦାବିରେ ରାସ୍ତାରୋକୋ

କାମାକ୍ଷାନଗର,୨୬।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଇଶିଙ୍ଗାଠାରେ ଓଭରବ୍ରିଜ ନିର୍ମାଣ ଦାବିରେ ସୋମବାର ଶତାଧିକ ଗ୍ରାମବାସୀ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା।

ସୂଚନା ମୁତାବକ, ୫୩ ନଂ. ଜାତୀୟ ରାଜପଥ ୪ ଲେନ କାମ ପାଇଁ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାବେଳେ ବାଇଶିଙ୍ଗା ଗ୍ରାମବାସୀ ଗ୍ରାମ ଛକ ନିକଟରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ପ୍ରତିବାଦରେ ଗ୍ରାମବାସୀ ସ୍ଥାନୀୟ ଛକ ନିକଟରେ ଜାତୀୟ ରାଜପଥ ୫୩କୁ ଅବରୋଧ କରିଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ଦୁଇ ଘଣ୍ଟା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଇ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସଞ୍ଜୟ କୁମାର ରାଉତ, ଥାନା ଅଧିକାରୀ ଅଭିନବ ଡାଲୁଆ, ବାଇସିଙ୍ଗା ଗ୍ରାମର ପ୍ରତିନିଧି ମଣ୍ଡଳୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ରାସ୍ତା ସମସ୍ୟାର ସମାଧାନ ହେବ ବୋଲି ଉପଜିଲାପାଳ ପ୍ରକାଶ କରିଥିଲେ।


୫୩ ନଂ. ଜାତୀୟ ରାଜପଥରକୁ ଗ୍ରାମବାସୀ ଅବରୋଧ କରିଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ଏପ୍ରିଲ, ୨୦୨୧



## ସଂକ୍ଷେପରେ

### ୧୬୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୬।୪:** କିଛିଦିନ ହେଲା ଅନୁଗୋଳ ଜିଲାରେ ଦୈନିକ କରୋନା ପଜିଟିଭ୍ ସଂଖ୍ୟା ଶହେ ଉପରେ ରହୁଛି। ସୋମବାର ୧୬୫ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୪ ହଜାର ୨୭୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ପୌରାଞ୍ଚଳରୁ ସର୍ବାଧିକ ୩୫ଜଣ ଥିବାବେଳେ ବଣଁରପାଳ ବ୍ଲକରୁ ୩୪, ତାଳଚେର ବ୍ଲକରୁ ୩୦, ଛେଣ୍ଡିପଦା ବ୍ଲକରୁ ୨୦, ଅନୁଗୋଳ ବ୍ଲକରୁ ୧୪, ଅନୁଗୋଳ ପୌରାଞ୍ଚଳରୁ ୧୨, କଣିହାଁ ବ୍ଲକରୁ ୧୧, କିଶୋରନଗର ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୩ଜଣ ଓ ପାଲଲହଡା ବ୍ଲକ୍‌ରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୫୦ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦୁର୍ଘଟଣାରେ ଯୁବକ ମୃତ

**ଅନୁଗୋଳ ଅଫିସ, ୨୬।୪:** ଅନୁଗୋଳ ଜିଲା ଟ୍ରକ୍ ଆସୋସିଏଶନ୍ ଅଫିସ ନିକଟ ଏକ ପୋଲ ଉପରେ ସୋମବାର ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁମଣ୍ଡ ଅଞ୍ଚଳର ବାବୁଲା ବେହେରା(୩୫)। ଏକ ସର୍ଭିସ ସେଣ୍ଟରରେ କାର୍ଯ୍ୟ କରୁଥିବା ବାବୁଲା ବାଇକ୍ ଯୋଗେ ଯାଉଥିବା ବେଳେ ପଛ ପାର୍ଶ୍ୱରୁ ଆସୁଥିବା ଏକ ୧୦ ଚକିଆ ଟ୍ରକ୍ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବାବୁଲିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ସହର ଦେଇ ୫୫ନଂ. ଜାତୀୟ ରାଜପଥ ଯାଇଥିଲେ ମଧ୍ୟ ଦ୍ରୁତଗତିରେ ଗାଡ଼ି ଚଳାଚଳକୁ ପୋଲିସ ନିୟନ୍ତ୍ରଣ କରୁନାହିଁ। ଫଳରେ ଅନେକ ସମୟରେ ଦ୍ରୁତଗତି ପାଇଁ ଦୁର୍ଘଟଣା ଘଟୁଛି। ଜଣଙ୍କ ପରେ ଜଣଙ୍କ ଜୀବନ ନେଇ ଗାଡ଼ିଗୁଡ଼ିକ ପଳାଇ ଯାଉଥିବା ବେଳେ ପୋଲିସ କେବଳ ଏକ ମାମଲା ରୁଜୁ କରି ବସିଯାଉଛି।

### ଧୀରମୋହନ ସଭାପତି, ଦେବୀରଞ୍ଜନ ସମ୍ପାଦକ

**ଅନୁଗୋଳ ଅଫିସ, ୨୬।୪:** ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଧୀରମୋହନ ରାୟ, ସାଧାରଣ ସମ୍ପାଦକ ଭାବେ ଦେବୀରଞ୍ଜନ ସାମଲ, ଉପସଭାପତି ମଦନ ମୋହନ ସାହୁ, କାର୍ଯ୍ୟକାରୀ ସଭାପତି ମୋନିଲ ମହାରଣା ଓ ରବୀନ୍ଦ୍ର ମହାରଣା, ସହ ସମ୍ପାଦକ ଶିଶିର ସାମଲ, କୋଷାଧ୍ୟକ୍ଷ ଅଜୟ କୁମାର ନାୟକଙ୍କ ସହିତ ୪ଜଣିଆ ମୁଖ୍ୟ କାର୍ଯ୍ୟକାରୀ ସଦସ୍ୟ ତଥା ଉପଦେଷ୍ଟା ଚୟନ କରାଯାଇଥିଲା। ମିଡିଆ ସେଲ୍‌ର ଦାୟିତ୍ୱ ବାସୁଦେବ ପ୍ରଧାନଙ୍କୁ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ରଙ୍ଗାଧର ନାୟକ ଉପସ୍ଥିତ ଥିଲେ।

### ଗାଧୋଇବାକୁ ନେଇ ମାଡ଼, ଥାନାରେ ମାମଲା

**ବଇଣ୍ଡା,୨୬।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଭୋଗରା ଗ୍ରାମର ରୁଦ୍ର ବେହେରା, କାଳିଆ ବେହେରା ଓ ସାନନ୍ଦ ବେହେରାଙ୍କୁ ଆମ୍ବସରମୁଣ୍ଡା ଗ୍ରାମର କଷ୍ଟ ପ୍ରଧାନ ଏକ ଠେଙ୍ଗାରେ ଆକ୍ରମଣ କରିଛନ୍ତି। ଏ ନେଇ ରୁଦ୍ରଙ୍କ ମା' ନୀଳାଦ୍ରୀ ବେହେରା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୧୦୨/୨୧ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସମ୍ପୃକ୍ତ ୩ ଜଣ ଆମ୍ବସରମୁଣ୍ଡା ଗ୍ରାମରେ ଥିବା ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ କାହିଁକି ଏହି ନାଳକୁ ଗାଧୋଇବା ପାଇଁ ଆସିଛ କହି କଷ୍ଟ ଏକ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ପଥର ମାଡ଼ ଅଭିଯୋଗ

**ବଇଣ୍ଡା,୨୬।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ସାନଦାଦର ଗ୍ରାମର ନକୁଳ ଭୋଇଙ୍କ ଘରକୁ ସେହି ଗ୍ରାମର ସୁରେଶ ଭୋଇ ପଥର ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ନକୁଳ ଓ ସୁରେଶଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ପ୍ରତ୍ୟେକ ଦିନ ସୁରେଶ ନକୁଳଙ୍କ ଘରକୁ ପଥର ମାଡ଼ ମାରୁଥିବା ଅଭିଯୋଗ ହୋଇଛି। ଘର ଆଜବେଷ୍ଟ ଭାଙ୍ଗିବା ସହ ତାଙ୍କ ମୁଣ୍ଡ ଫାଟିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ନମ୍ବର ୧୦୪/୨୧ ରେ ଏକ ମାମଲା ରୁଜୁ କରିଛି।

# ପହଞ୍ଚୁନି ପ୍ରକଳ୍ପ ପାଣି

- ଅନେକ ଗ୍ରାମରେ ଫାଟିଯାଇଛି ପାଇପ୍
- କେତେକ ସ୍ଥାନରେ ନିର୍ମାଣ ଶେଷ ହେଉନି
- ମେଗା ପ୍ରୋଜେକ୍ଟ ଅପେକ୍ଷାରେ କିଶୋରନଗର ବ୍ଲକବାସୀ


ଧୁଣ୍ଡି ଗ୍ରାମର ଏକ ନଳକୂଅ ନିକଟରେ ପାଣି ପାଇଁ ଲମ୍ବା ଧାଡ଼ି ଲାଗିଛି।

**ବଇଣ୍ଡା,୨୬।୪(ପରିକ୍ଷିତ ସାହୁ)**

ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କ ମାଳମାଳ ଯୋଜନା ରହିଛି। ହେଲେ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ଏ କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଛି। ଏହି କାରଣରୁ ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ବ୍ଲକର ୨୩ଟି ପଞ୍ଚାୟତରେ ୪୫ଟି ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ସମସ୍ତଙ୍କ ନିକଟରେ ପାଣି ପହଞ୍ଚିପାରୁ ନାହିଁ। କେଉଁଠି ପାଇପ୍ ଫାଟି ଆଁ କରିଛି ତ ଆଉ କେଉଁଠି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଫଳରେ ପ୍ରତିବର୍ଷ ଖରାଦିନେ ପିଇବା ପାଣିକୁ ନେଇ ହନ୍ତସନ୍ତ ହେବାକୁ ପଡୁଛି ବ୍ଲକବାସିନ୍ଦାଙ୍କୁ।

ବ୍ଲକର ଠେଲକନାଳୀ ପଞ୍ଚାୟତରେ ବସୁଧା ଯୋଜନାରେ ନିର୍ମାଣ ହେଉଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେଉନାହିଁ। ଏଥିଯୋଗୁ ପଞ୍ଚାୟତବାସୀ ପିଇବା ପାଣି ଯୋଗାଡ଼ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଇଣ୍ଡାଠାରେ ଥିବା ପ୍ରକଳ୍ପର ପାଇପ୍‌ଗୁଡ଼ିକ ୮୦ ପ୍ରତିଶତ ଫାଟିଯାଇଛି। ଫଳରେ ନୁନୁକାପଶି, ବଇଣ୍ଡାଛକ, ଶିକ୍ଷକପଡ଼ା ଆଦି ଅଞ୍ଚଳକୁ ଜଳ ଯୋଗାଣ ବନ୍ଦ ରହିଛି। ଗାଁ ବଇଣ୍ଡା ପଞ୍ଚାୟତର ଧୁଣ୍ଡି ଗ୍ରାମରେ ଠିକ୍ ଭାବେ ପାଣି ମିଳୁନାହିଁ। ଉକ୍ତ ଗ୍ରାମର ମଦନପଡ଼ା ସାହିକୁ ପାଣି ଯାଉ ନ ଥିବାବେଳେ ସେଠାରେ ନଳକୂଅଟିଏ ବି ଖୋଳାଯାଇ ନାହିଁ। କେତେକ ପଞ୍ଚାୟତରେ ଥିବା ପ୍ରକଳ୍ପର ରକ୍ଷଣାବେକ୍ଷଣ ଉପଯୁକ୍ତ ଭାବେ କରାଯାଉ ନାହିଁ। ଏପରିକି ବିଦ୍ୟୁତ୍ ବିଲ୍ ପଇଠ କରାଯାଉ ନ ଥିବା ଯୋଗୁ ପାଣି ଯୋଗାଣ ଅନେକ ସମୟରେ ହୋଇପାରୁନାହିଁ। ସେହିପରି ବ୍ଲକରେ ଥିବା ୧୭୪୨ଟି ନଳକୂପ ମଧ୍ୟରୁ ସରକାରୀ ଭାବେ ୨୦ଟି ଅଚଳ ଥିବା କୁହାଯାଉଥିବା ବେଳେ ବେସରକାରୀ ଭାବେ ଏହି ସଂଖ୍ୟା ୧୧୨ ବୋଲି କୁହାଯାଉଛି। ସେଥିରୁ କଦଳୀମୁଣ୍ଡା ପଞ୍ଚାୟତରେ ୪ଟି, ଧଡରପାଳରେ ୩, ଉରୁକୁଳରେ ୪, ଅଙ୍ଗପଡ଼ାରେ ୩, ବିଲେଇନାଳିରେ ୫, କଦଳୀମୁଣ୍ଡାରେ ୪, ଠେଲକନାଳିରେ ୪, ଗାଁ ବଇଣ୍ଡାରେ ୪, କଣ୍ଟେଇକୋଳିଆରେ ୫ ନଳକୂଅ ଖରାପ ରହିଥିବା କୁହାଯାଉଛି। ଏ ନେଇ କିଶୋରନଗର ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ପ୍ରଧାନ କହିଛନ୍ତି, ଠେଲକନାଳି ପ୍ରକଳ୍ପ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଏହାଛଡ଼ା ବ୍ଲକର ୨୩ଟି ପଞ୍ଚାୟତ ସହ ଆଠମଲ୍ଲିକ ବ୍ଲକର କିଆକଟା, ବାସୁଦେବପୁର, ଟୁସର ପଞ୍ଚାୟତକୁ ମହାନଦୀରୁ ପାଣି ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ଯୋଜନା ହୋଇଛି। ଏହି ମେଗା ପ୍ରୋଜେକ୍ଟ ପାଇଁ ୨୫୩ କୋଟି ଟଙ୍କା ବିନିଯୋଗ କରାଯିବ। ଏହି ପ୍ରକଳ୍ପ ନିର୍ମାଣ ହେଲେ କିଶୋରନଗର ବ୍ଲକବାସୀଙ୍କ ପିଇବା ପାଣି ଅସୁବିଧା ରହିବ ନାହିଁ ବୋଲି ଯନ୍ତ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

### ପ୍ରକଳ୍ପରୁ ଦୈନିକ ପାଣି ମିଳୁନି



" ପଞ୍ଚାୟତ ପକ୍ଷରୁ ଗ୍ରାମ ନିକଟରେ ଏକ ପ୍ରକଳ୍ପ କରାଯାଇଛି। କିନ୍ତୁ ପ୍ରତ୍ୟେକ ଦିନ ପାଣି ମିଳେନି। ଗତ ୩ ଦିନ ହେବ ପାଣି ଆସୁ ନ ଥିବାରୁ ଖୋଲା କୂଅ ଉପରେ ନିର୍ଭର କରିବାକୁ ପଡୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ଲୋକେ ଉପକୃତ ହୁଅନ୍ତେ।

-ବବିତା ସାହୁ, ଧୁଣ୍ଡି

### ଗାଁରେ ଟ୍ୟାଙ୍କର ବୁଲାଯାଉ



" ବସୁଧା ଯୋଜନାରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେଉଛି। ଏଯାଏ ତାହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ପ୍ରକଳ୍ପ ଶେଷ ସହ ଟ୍ୟାଙ୍କର ଯୋଗେ ଖଳାସାହିକୁ ପାଣି ଯୋଗାଇ ଦିଆଯାଉ।

-ସୁଷମା ପ୍ରଧାନ, ଠେଲକନାଳି

### ଖୋଲା କୂଅ ଉପରେ ନିର୍ଭର



" ଗ୍ରାମରେ ନଳକୂଅ ନାହିଁ। ଜଳ ପ୍ରକଳ୍ପ ନିର୍ମାଣ ହୋଇନାହିଁ। ଏକ ଖୋଲା କୂଅରୁ ୧୦୦ ପରିବାର ପାଣି ନେଉଛନ୍ତି। ବହୁଥର ବ୍ଲକ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଅଭିଯୋଗ କରିଛୁ। ହେଲେ କେହି ଶୁଣୁନାହାନ୍ତି। ତୁରନ୍ତ ଏକ ନଳକୂଅ ଖୋଳାଯାଉ।

-ସୁଭଦ୍ରା ସାହୁ, ଗୁରୁଜାଙ୍ଗ

### ୨ ବର୍ଷ ହେବ ପାଇପ୍ ଫାଟିଯାଇଛି



" ବଇଣ୍ଡା ଅଞ୍ଚଳ ପାଇଁ ୧୯୯୯ ମସିହାରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା। ୨ ବର୍ଷ ହେବ ପାଇପ୍ ଫାଟିଯାଇଛି। ନୂତନ ପାଇପ୍ ବିଛାଇବାରେ ବିଳମ୍ବ ଯୋଗୁ ବଇଣ୍ଡାବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯାଉ।

-ରମେଶ କୁମାର ବେହେରା, ବଇଣ୍ଡା

### ସୋଲାର ପମ୍ପ ଅଚଳ



" କଣ୍ଟେଇକୋଳିଆ ପଞ୍ଚାୟତର ଅନେକ ଗ୍ରାମକୁ ଯାଇଥିବା ପାଇପ୍ ଫାଟିଯାଇଛି। ୫ ବର୍ଷ ହେବ ଅଁଳାବେରେଣୀ ଗ୍ରାମ ସୋଲାର ପମ୍ପ ଅଚଳ ହୋଇପଡିଛି। ବହୁ ନଳକୂଅରୁ ପାଣି ବାହାରୁ ନାହିଁ। ଫଳରେ ପଞ୍ଚାୟତବାସୀ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି।

-ଆମାତ ସାହୁ, କଣ୍ଟେଇକୋଳିଆ

### ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି



" କିଶୋରନଗର ବ୍ଲକରେ ଜଳ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ସମସ୍ୟା ଥିବା ସମସ୍ତ ଗ୍ରାମକୁ ଟ୍ୟାଙ୍କର ପାଣି ଯୋଗାଣ ପାଇଁ ବ୍ଲକ କର୍ତ୍ତୃପକ୍ଷ ଓ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଳକୂଅ ନ ଥିଲେ ଖୋଳାଯିବାକୁ କୁହାଯାଇଛି।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

## ୪ ଗାଡ଼ି ଜବତ, ୪ କୋର୍ଟଚାଲାଣ


ଭୁବନ ପୋଲିସ ଜବତ କରିଥିବା ଗାଡ଼ି।

**ଭୁବନ,୨୬।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ପୋଲିସ ରବିବାର ରାତିରେ ଚଢ଼ାଉ କରି ୩ଟି ଚୋରା ପଥର ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ଟ୍ରାକ୍ଟର ଚାଳକ ଏକତାଳି ଗ୍ରାମର ଭଜମନ ମନ୍ତ୍ରୀ, ଅବିନାଶ ରାଉତ, ମଣିନାଥ ସାହୁ ଓ ଟ୍ରକ୍ ଚାଳକ ବାଲିବୋ ଗ୍ରାମର ଭିକାରୀ ଦିଆଣିଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ଜବତ ଗାଡ଼ିରେ ଗଁଦିଆ ଥାନା ଓ ଭୁବନ ଥାନାର ବିଭିନ୍ନ ଅଞ୍ଚଳକୁ ପଥର ଚୋରା ଚାଲାଣ କରାଯାଉଥିଲା। ଖବରପାଇ ଭୁବନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ। ପୋଲିସ ଟ୍ରକ ଓ ଟ୍ରାକ୍ଟରକୁ ଜବତ କରିବା ପରେ ୨ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଭୁବନ ଥାନାରେ ନଂ. ୧୬୦ରେ ମାମଲା ରୁଜୁ ହୋଇଛି। ସେହିପରି ମଣିନାଥଙ୍କ ନାମରେ ନମ୍ବର ୧୬୧ରେ ମାମଲା ରୁଜୁ ହୋଇଛି।

## ସବ୍‌ଜେଲ ପରିଦର୍ଶନ କଲେ ଜିଲା ଜଜ୍


ଆଠମଲ୍ଲିକ ଗସ୍ତ ଅବସରରେ ଜିଲା ଜଜ୍‌ଙ୍କୁ ସ୍ୱାଗତ କରାଯାଉଛି।

**ଆଠମଲ୍ଲିକ,୨୬।୪(ଡି.ଏନ.ଏ.)**


ଅନୁଗୋଳ ଜିଲା ଜଜ୍ ଭାଗ୍ୟଲକ୍ଷ୍ମୀ ରଥ ସୋମବାର ଆଠମଲ୍ଲିକ ଗସ୍ତରେ ଆସି ସବ୍‌ଜେଲ ଓ କୋର୍ଟ ପରିଦର୍ଶନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲା ଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ, ସିଭିଲ ଜଜ୍ ସତ୍ୟପ୍ରିୟ ଦାସ ଓ ଏସ୍‌ଡିଜେଏମ୍ ଜ୍ୟୋତିର୍ମୟୀ ଦାସ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଆଠମଲ୍ଲିକ ଓକିଲ ସଂଘ ପକ୍ଷରୁ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ବିନାୟକ ଗୋଦୁକା, କୋଷାଧ୍ୟକ୍ଷ ରାଜେଶ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ, ବାମନ କୁମାର ମିଶ୍ର, ଜିତେନ କୁମାର ମୁଖୀ, ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ରଥଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି କ୍ରିମିନାଲ ବାର ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇଥିଲା। ପରେ ଜିଲା ଜଜ୍ ଏଡିଜେ, ସବଜଜ୍ ଓ ଏସ୍‌ଡିଜେଏମ୍‌ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଓକିଲ ସଂଘ ଗୃହ ବୁଲି ଦେଖିଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ଆଇନଜୀବୀ ଓ କୋର୍ଟକର୍ମଚାରୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## ସ୍ଥିତି ସମୀକ୍ଷା କଲେ ଜିଲାପାଳ

**ଅନୁଗୋଳ ଅଫିସ, ୨୬।୪**

ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ସୋମବାର ଅପରାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ଥିତି ଓ ସରକାରଙ୍କ ଗାଇଡ୍ ଲାଇନ୍ ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହାର ସମୀକ୍ଷା କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋଭିଡ୍ କେୟାର ସେଣ୍ଟରରେ ଆବଶ୍ୟକ ପରିମାଣର ଅକ୍ସିଜେନ୍ ଗଚ୍ଛିତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କୋଭିଡ କେୟାର ସେଣ୍ଟରର ଠିକ୍ ପରିଚାଳନାକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀକୁ କଡାକଡି ପାଳନ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଅଭୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କ ଚିକିତ୍ସାରେ ବିଳମ୍ବ, ଅସନ୍ତୋଷ


ଜବତ ଚୋରା ମଦ ଓ ଗାଡ଼ି ସହ ଅବକାରୀ ବିଭାଗ ହାଜତରେ ଥିବା ଅଭିଯୁକ୍ତ ଯୁବକ।

**ଅନୁଗୋଳ ଅଫିସ, ୨୬।୪**

ଚୋରା ମଦ କାରବାର ଅଭିଯୋଗରେ ଅନୁଗୋଳ ଜିଲା ତାଳଚେର ଅବକାରୀ ବିଭାଗ ପକ୍ଷରୁ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କିନ୍ତୁ ଯୁବକ ଜଣଙ୍କ କ୍ଷତାକ୍ତ ଅବସ୍ଥାରେ ଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କର ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବା ପରିବର୍ତ୍ତେ ଦୀର୍ଘସମୟ ଧରି ହାଜତରେ ରଖିବା ନେଇ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଚୋରା ମଦ ବ୍ୟବସାୟ କରୁଥିବା ତାଳଚେର ଥାନା ଗୁରୁଜାଙ୍ଗ ଗ୍ରାମର ସାନନ୍ଦ ଦେହୁରୀ ପୂର୍ବାହ୍ନ ସାଢ଼େ ୧୦ଟାରେ ତାଳଚେର-ଗୁରୁଜଙ୍ଗ ରାସ୍ତାରେ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ନିକଟରେ ଥିବା ଏକ ଗାଡ଼ିରେ ଚୋରାମଦ ଥିବା ସ୍ଥାନୀୟ ଲୋକେ ଦେଖି ତାଳଚେର ଅବକାରୀ ବିଭାଗକୁ ସୂଚନା ଦେଇଥିଲେ। ଏହାପରେ ଅବକାରୀ କର୍ମଚାରୀମାନେ ଆସି ସାନନ୍ଦଙ୍କୁ ବିଭାଗୀୟ କାର୍ଯ୍ୟାଳୟକୁ ନେଇଯାଇଥିଲେ। ମଦ ଥିବା ଗାଡ଼ି (ନଂ. ଓଆର୧୯ବି-୯୩୭୪)କୁ ଜବତ କରିଥିଲେ। ସାନନ୍ଦ କ୍ଷତାକ୍ତ ଥିଲେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ତାଙ୍କର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା କରା ନ ଯାଇ ହାଜତରେ ଦୀର୍ଘସମୟ ଧରି ରଖାଯାଇଥିଲା। ପରେ ଅନୁଗୋଳ ଅବକାରୀ ବିଭାଗର ଡିଏସ୍‌ପି ନୀନା ବେଉରା ପହଞ୍ଚି ଚିକିତ୍ସା ନେଇ ବ୍ୟବସ୍ଥା କରିଥିଲେ। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସାନନ୍ଦଙ୍କୁ କେତେଜଣ ଦୁର୍ବୃତ୍ତ ମାଡ଼ ମାରି ରାସ୍ତାରେ ପକାଇ ଦେଇଥିବା ବେଳେ ଅବକାରୀ କର୍ମଚାରୀ ତାଙ୍କୁ ହାଜତରେ ରଖି ପୁଣି ମାଡ଼ ମାରିଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏ ନେଇ ଡିଏସ୍‌ପି ବେଉରା କହିଛନ୍ତି, ଅଭିଯୁକ୍ତ ଯୁବକଙ୍କୁ ମାଡ଼ ମରାଯାଇ ନାହିଁ। ଅବକାରୀ ଟିମ୍ ଚଢ଼ାଉ କରିବା ସମୟରେ ସେ ପଡ଼ି କ୍ଷତାକ୍ତ ହୋଇଛନ୍ତି।

## ଅନୁଗୋଳରୁ ଗଲାଣି ୧୮୫ ଟନ୍ ଅକ୍ସିଜେନ୍

**ଅନୁଗୋଳ ଅଫିସ, ୨୬।୪**

ଦେଶରେ କୋଭିଡ୍ ସଂକ୍ରମଣ ଦ୍ରୁତଗତିରେ ବଢ଼ି ଚାଲିଥିବାବେଳେ ଲିକ୍ୟୁଇଡ୍ ଅକ୍ସିଜେନ୍ ସଙ୍କଟ ଯୋଗୁ ବିଭିନ୍ନ ରାଜ୍ୟରେ ହାହାକାର ପରିସ୍ଥିତି ସୃଷ୍ଟି କରିଛି। ବହୁ ମେଡିକାଲରେ ଅକ୍ସିଜେନ୍ ଅଭାବରୁ କରୋନାରେ ଆକ୍ରାନ୍ତଙ୍କ ଜୀବନହାନି ଘଟୁଛି। ଏପରି ସମୟରେ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଓଡ଼ିଶା ସରକାର ସହଯୋଗର ହାତ ବଢ଼ାଇଥିବା ବେଳେ ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ପକ୍ଷରୁ ଲିକ୍ୟୁଇଡ୍ ଅକ୍ସିଜେନ୍ ଯୋଗାଇ ଦିଆଯାଉଛି। ଗତ ୫ ଦିନ ମଧ୍ୟରେ ଜିଲାରୁ ୧୧ଟି ଗାଡ଼ିରେ ୨ଟି ରାଜ୍ୟକୁ ମୋଟ୍ ୧୮୫.୧୬ ଟନ୍ ଲିକ୍ୟୁଇଡ୍ ଅକ୍ସିଜେନ୍ ଯୋଗାଇ ଦିଆଯାଇଛି। ଅନୁଗୋଳ ଜିଲା ପୋଲିସ ଉକ୍ତ ଗାଡ଼ିଗୁଡ଼ିକୁ ଏସକର୍ଟରେ ନେଉଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନୁଗୋଳରୁ ବିଶାଖାପାଟଣାକୁ ୭ଟି ଗାଡ଼ିରେ ୧୪୪ ଟନ୍ ଅକ୍ସିଜେନ୍ ପଠାଯାଇଛି। ସେହିପରି ମଧ୍ୟପ୍ରଦେଶକୁ ୪ଟି ଗାଡ଼ିରେ ୪୧.୧୬ ଟନ୍ ଅକ୍ସିଜେନ୍ ପଠାଯାଇଛି।



ପୋଲିସ ଏସ୍କର୍ଟରେ ଅକ୍ସିଜେନ୍ ଟ୍ୟାଙ୍କର ବାହାର ରାଜ୍ୟକୁ ଯାଉଛି।

## ବଜାରରେ ବଢ଼ିଲା ଭିଡ଼

**ଅନୁଗୋଳ ଅଫିସ, ୨୬।୪**

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଦୈନିକ ଯେପରି ଦ୍ୱିଶତକ ଆଡ଼କୁ ମୁହାଁଉଛି, ତାହାକୁ ଦେଖି ପ୍ରଶାସନ ପକ୍ଷରୁ ନାନା ପ୍ରସ୍ତୁତି କରାଯାଉଛି। ଏପରି କି କରୋନା ଚେନ୍ ଭାଙ୍ଗିବା ପାଇଁ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ୍ କରାଯାଉଛି। କିନ୍ତୁ ଲୋକେ ଏ ନେଇ ସଚେତନ ଥିବାପରି ମନେହେଉ ନାହିଁ। ସପ୍ତାହାନ୍ତ ଶଟ୍‌ଡାଉନ୍

### କୋଭିଡ୍ କଟକଣାକୁ ଅଣଦେଖା

ଶେଷ ହେଉ ହେଉ ସୋମବାର ସକାଳେ ଅନୁଗୋଳ ବଜାରରେ ଲୋକେ ଯେପରି ଭିଡ଼ ବଢ଼ାଇଦେଲେ ତାହା ସଚେତନ ନାଗରିକମାନଙ୍କୁ ଚକିତ କରିଛି। ବଜାରର ସଂକୀର୍ଣ୍ଣ ରାସ୍ତାରେ ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି କରିଥିବାରୁ ଅନେକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି।

ସହରରେ କରୋନା ସଂକ୍ରମଣ ରୋକିବାକୁ ମେଡିକାଲ ଛକ-ବଜାର ଛକ ରାସ୍ତାରେ ବ୍ୟାରିକେଡ୍ କରାଯାଇଛି। ବଜାର ମଧ୍ୟକୁ ଚାରିଚକିଆ ଯାନ ଯେଭଳି ପ୍ରବେଶ ନ କରିବ, ସେଥିପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। କିନ୍ତୁ ପ୍ରଶାସନ ଓ ପୋଲିସ ଚୁପ୍ ହୋଇ ବସିଯାଇଥିବାର ସୁଯୋଗ ନେଇ ଲୋକେ ଭିଡ଼ ବଢ଼ାଇ ଚାଲିଛନ୍ତି। କେବଳ ଗୋଟିଏ ପାର୍ଶ୍ୱରେ ମେଡିକାଲ ଭିତରକୁ ଆମ୍ବୁଲାନ୍ସ ଯାତାୟାତ ସହ ଜରୁରୀ ସମୟରେ ଗାଡ଼ି ପାଇଁ ରାସ୍ତା ଛଡ଼ାଯାଇଛି। କିନ୍ତୁ ଉକ୍ତ ରାସ୍ତାରେ ଏବେ ଅଟୋ, କାର୍ ସବୁ ଚଳାଚଳ କରି ଭିଡ଼ ବଢ଼ାଉଛି। ସେହିପରି ଗାନ୍ଧୀମାର୍ଗ ରାସ୍ତାରେ ମଧ୍ୟ ସମାନ ଅବସ୍ଥା। ଲୋକମାନେ ସେଠାରେ ପାଦ ପକାଇବାକୁ ଜାଗା ପାଉନାହାନ୍ତି। ସହରବାସୀଙ୍କ କହିବା ମୁତାବକ, ବଜାରରେ ଭିଡ଼ ନିୟନ୍ତ୍ରଣ ନିମନ୍ତେ ୩ଟି ସ୍ଥାନରେ ବ୍ୟାରିକେଡ୍ ବନ୍ଧାଯାଇଛି। ବଜାର ଛକ ଓ ମେଡିକାଲ ଛକରେ ଚାରି ଚକିଆ ଗାଡ଼ି ମେଡିକାଲକୁ ଆସିବା ପାଇଁ ରାସ୍ତା ରଖାଯାଇଛି। ସେଣ୍ଟ୍ରାଲ ଲଜ୍ ନିକଟରେ ଦୁଇ ଚକିଆ ଗାଡ଼ି ଆସିବାକୁ ରାସ୍ତା ଦିଆଯାଇଛି। କିନ୍ତୁ ଏହାକୁ ବହୁ ଲୋକ ମାନୁ ନ ଥିବାରୁ ବଜାରରେ ଭିଡ଼ ହେଉଛି। ଏହାକୁ ରୋଗ ନ ଗଲେ ସାମାଜିକ ଦୂରତ୍ୱ କିଭଳି ରହିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ଏଣିକି ଟିମ୍ ବୁଲିବ।


ଶଟ୍‌ଡାଉନ୍ ଖୋଲିବା ପରେ ଅନୁଗୋଳ ବଜାରରେ ସୋମବାର ପ୍ରବଳ ଭିଡ଼।

